w 3

bwo o

---

bwb wqqw ffb ffbdb qffqffb qffb qb w w b q oqffb wqqbo
w w w bwo b b s q wo ffl ffb qffb b w bo *viz.* b
qw wo w qi w w w 3

ffl o o a wq w db o

ffw i

o bdb
o

This PDF was originally uploaded to Business Standard Newspaper - ePaper (https://t.me/bs_epaper). Subscribe now to get this edition before anyone else!! Backup channel: @news_backup

‘ସୁଦକ୍ଷ’ର ୩ଟି କେନ୍ଦ୍ରରେ ଦ୍ୱିତୀୟ ବ୍ୟାଚ୍ କୋଚିଂ ଆରମ୍ଭ, କୋଭିଡ୍ ପାଇଁ ଭର୍ଚୁଆଲ୍ କ୍ଲାସ୍

ସୁନ୍ଦରଗଡ଼, ୧୭/୦୫ (ନି.ପ୍ର): ସୁନ୍ଦରଗଡ଼ ଜିଲ୍ଲାର ଶିକ୍ଷିତ ଯୁବକ ଯୁବତୀଙ୍କୁ ମାଗଣାରେ ନିଯୁକ୍ତି ଉପଯୋଗୀ କୋଚିଂ ଦେଇ ସେମାନଙ୍କ କ୍ୟାରିୟର ସ୍ୱପ୍ନ ସାକାର କରିବା ଲାଗି ‘ସୁଦକ୍ଷ’ କାର୍ଯ୍ୟକ୍ରମ ଚାଲିଛି । ପ୍ରଥମ ବ୍ୟାଚ୍‌ରେ ଏହାର ୩ଟି କେନ୍ଦ୍ରରୁ ଛାତ୍ରଛାତ୍ରୀମାନେ ସଫଳତାର ସହ କୋଚିଂ ଶେଷ କରିଛନ୍ତି । ଚଳିତ ମାସ ୧୧ ତାରିଖରୁ ଦ୍ୱିତୀୟ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ କୋଚିଂ ଆରମ୍ଭ ହୋଇଛି । କରୋନା ମହାମାରୀକୁ ଦୃଷ୍ଟିରେ ରଖି ଏହି କୋଚିଂ କ୍ଲାସ୍ ଭର୍ଚୁଆଲ୍ ମାଧ୍ୟମରେ କରାଯାଉଛି । ଗତ ମେ’ ୧ ତାରିଖରେ ‘ସୁଦକ୍ଷ’ର ତିନୋଟି କେନ୍ଦ୍ରରୁ ପ୍ରଥମ ବ୍ୟାଚ୍‌ର ପ୍ରାର୍ଥୀମାନେ ୩ ମାସିଆ କୋଚିଂ ଶେଷ କରିଥିଲେ । ଦ୍ୱିତୀୟ ବ୍ୟାଚ୍‌ରେ ‘ସୁଦକ୍ଷ’ର ତିନୋଟିଯାକ କେନ୍ଦ୍ରରେ ୫୦ ଜଣ କରି ମୋଟ ୧୫୦ ପ୍ରାର୍ଥୀ ନାମ ଲେଖାଇଛନ୍ତି । ପ୍ରଥମେ ସେମାନଙ୍କର ଓରିଏଣ୍ଟେସନ କରାଯିବା ପରେ ଅନ୍‌ଲାଇନ୍ ମାଧ୍ୟମରେ ପାଠପଢ଼ା ଆରମ୍ଭ ହୋଇଛି । କୋଭିଡ୍ ସମୟରେ ଘରେ ରହି ସେମାନେ ଅନ୍‌ଲାଇନ୍‌ରେ କ୍ଲାସ୍ କରୁଛନ୍ତି । ଏଥିପାଇଁ କେନ୍ଦ୍ର ପକ୍ଷରୁ ସମସ୍ତଙ୍କୁ ଇଣ୍ଟରନେଟ୍ ଡାଟା ପ୍ୟାକ୍ ଦିଆଯାଇଛି । ତେବେ କୌଣସି ସ୍ଥାନରେ ଇଣ୍ଟରନେଟ ସମସ୍ୟା ଯୋଗୁଁ କୌଣସି ପିଲା କ୍ଲାସ୍ କରି ନପାରିଲେ, ସେମାନଙ୍କ ପାଇଁ ଅତିରିକ୍ତ କ୍ଲାସ୍ ବ୍ୟବସ୍ଥା କରାଯିବ ବୋଲି ସୂଚନା ମିଳିଛି । ସଠିକ୍ ମାର୍ଗଦର୍ଶନ ଅଭାବରୁ ଜିଲ୍ଲାର ବହୁ ମେଧାବୀ ତଥା ଗରିବ ଶ୍ରେଣୀର ଛାତ୍ରଛାତ୍ରୀ ଚାକିରି ପାଇଁ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ଦେଇ ଅନେକ ସମୟରେ ସଫଳତା ପାଇପାରୁ ନଥିଲେ । ମାଗଣାରେ କୋଚିଂ ସୁବିଧା ଯୋଗାଇଦେଇ ସେମାନଙ୍କ ନିଯୁକ୍ତି ସମ୍ଭାବନା ବଢ଼ାଇବା ଲାଗି ଜିଲ୍ଲା ପ୍ରଶାସନ ପକ୍ଷରୁ ‘ସୁଦକ୍ଷ’ ଭଳି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏହି କାର୍ଯ୍ୟକ୍ରମ ପାଇଁ ଆର୍ଥିକ ସହାୟତା ଯୋଗାଇ ଦେଉଛି ସୁନ୍ଦରଗଡ଼ ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡିଏମ୍‌ଏଫ୍) । ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିୟତି ଫାଉଣ୍ଡେସନ ଏହାର ପରିଚାଳନା ଦାୟିତ୍ୱ ନେଇଛି । ଏହି କାର୍ଯ୍ୟକ୍ରମ ଜରିଆରେ ୧୭ରୁ ୨୮ ବର୍ଷ ବୟସ ମଧ୍ୟରେ +୨ ଓ +୩ ଉତ୍ତୀର୍ଣ୍ଣ ଯୁବକ ଯୁବତୀଙ୍କୁ ଏହି କୋଚିଂ ପାଇଁ ବଛାଯାଉଛି । ବ୍ୟାଙ୍କିଙ୍ଗ ଓ ବୀମାକ୍ଷେତ୍ର, ଷ୍ଟାଫ୍ ସିଲେକ୍ସନ, ରେଲୱେ, ଆର୍ମି, ଏୟାରଫୋର୍ସ, ନାଭାଲ, ଓଡ଼ିଶା ପୋଲିସ ଓ ଅର୍ଦ୍ଧସାମରିକ ବାହିନୀ ଇତ୍ୟାଦିରେ ନିଯୁକ୍ତି ଲକ୍ଷ୍ୟ ରଖି ପିଲାଙ୍କୁ କୋଚିଂ ଦିଆଯାଉଛି ।

ପ୍ରଶାସନ ମାଗଣାରେ କୋଚିଂ ସହ ହଷ୍ଟେଲରେ ରହିବା, ଖାଇବା, ୟୁନିଫର୍ମ ଏବଂ ପାଠ୍ୟ ଉପକରଣ ଯୋଗାଇଦେଉଛି । ଜିଲ୍ଲାର ସୁନ୍ଦରଗଡ଼, ରାଉରକେଲା ଏବଂ ବଣାଇଁରେ ୩ଟି ‘ସୁଦକ୍ଷ’ କୋଚିଂ ସେଣ୍ଟର ରହିଛି, ଯେଉଁଠି ଦକ୍ଷ ଶିକ୍ଷକମାନେ କୋଚିଂ ଦେଉଛନ୍ତି । କେନ୍ଦ୍ରରେ ପିଲାମାନଙ୍କୁ ଗଣିତ, ରିଜନିଙ୍ଗ, କମ୍ପ୍ୟୁଟର ଶିକ୍ଷା, ଯୋଗାଯୋଗ ଦକ୍ଷତା, ବ୍ୟକ୍ତିତ୍ୱ ବିକାଶ, ସ୍ୱୋକନ ଇଂଲିଶ ଶିକ୍ଷା ସହ ଶାରୀରିକ ଦକ୍ଷତା କୋଚିଂ ମଧ୍ୟ ଦିଆଯାଉଛି । ଏହି କୋଚିଂ କାର୍ଯ୍ୟକ୍ରମ ଜିଲ୍ଲାର ରାଜଗାଙ୍ଗପୁର, ହେମଗିର, କୁତ୍ରା, କୁଆରମୁଣ୍ଡା, ଲହୁଣିପଡ଼ା ଓ କୋଇଡ଼ା ଭଳି ଖଣି ପ୍ରଭାବିତ ୬ଟି ବ୍ଲକର ପ୍ରାର୍ଥୀଙ୍କ ସହ ଅନୁସୂଚିତ ଜାତି ଓ ଜନଜାତି ତଥା ବିପିଏଲ୍ କାର୍ଡଧାରୀ ପରିବାରର ପିଲାଙ୍କ କ୍ୟାରିୟର ଗଠନରେ ବିଶେଷ ସହାୟକ ହେଉଛି ।



କରୋନା ରୋଗୀଙ୍କୁ ଡାଲମିଆ ସିମେଣ୍ଟପକ୍ଷରୁ ମାଗଣା ଆମ୍ବୁଲାନ୍ସ ସେବା ପ୍ରଦାନ

ରାଜଗାଙ୍ଗପୁର, ୧୭/୦୫ (ନି.ପ୍ର): କରୋନା ସଂକ୍ରମଣ ଦିନକୁ ଦିନ ରାଜଗାଙ୍ଗପୁର ସହରରେ ଅସ୍ତିତ୍ୱ ବୃଦ୍ଧି କରି ଆସୁଛି । ତାକୁ ମୁକାବିଲା କରିବା ପାଇଁ ରାଜ୍ୟ ସରକାରଙ୍କ ବିଭାଗୀୟ କର୍ମଚାରୀମାନେ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଏବଂ ସହରର ଆଖପାଖ ଅଂଚଳରେ ଥିବା କଂପାନୀମାନେ ଅଗ୍ରଣୀ ଭିତିଛନ୍ତି । ସହର ମଧ୍ୟରେ ଥିବା ଡାଲମିଆ ସିମେଣ୍ଟ ଲିମିଟେଡ୍ କଂପାନୀ ପକ୍ଷରୁ ଆଜି ଏକ ଆମ୍ବୁଲାନ୍ସ ସେବା କରୋନା ପୀଡିତ ବ୍ୟକ୍ତିମାନଙ୍କୁ ସହରରୁ ରାଉରକେଲାରେ ରହିଥିବା ବିଭିନ୍ନ କୋଭିଡ ହସ୍ପିଟାଲକୁ ମାଗଣାରେ ନେବା ପାଇଁ ପ୍ରଦାନ କରାଯାଇଛି । ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଆମ୍ବୁଲାନ୍ସ ଯଥେଷ୍ଟ ହେଉନଥିବାରୁ ଏହାକୁ ଆଖି ଆଗରେ ରଖି କଂପାନୀ ଏହିପରି ସେବା ପ୍ରଦାନ କରିଥିବାରୁ ଲୋକଙ୍କ ଦ୍ୱାରା ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କୁହାଯାଇଛି ।

ରାଉରକେଲାରେ କୋଭିଡ୍ ଟିକାକରଣ - ମେ’ ୧୮ରୁ ୨୮ ତାରିଖ ଯାଏଁ ଟିକାଦାନ ଲାଗି ନୂଆ ସୂଚୀ ଜାରି

ରାଉରକେଲା, ୧୭/୦୫ (ନି.ପ୍ର) : ରାଉରକେଲା ସହରରେ କୋଭିଡ୍-୧୯ ଟିକାକରଣ ପାଇଁ ନୂଆ ସୂଚୀ ଜାରି କରିଛି ପ୍ରଶାସନ । ଆସନ୍ତା ମେ’ ୧୮ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ

ନୂତନ ଥାନା ଅଧିକାରୀଙ୍କ ଯୋଗଦାନ

ରାଜଗାଙ୍ଗପୁର, ୧୭/୦୫ (ନି.ପ୍ର): ସୁନ୍ଦରଗଡ ଜିଲ୍ଲା ରାଜଗାଙ୍ଗପୁର ଥାନା ଅଧିକାରୀ ଗୋକୁଳାନନ୍ଦ ସାହୁଙ୍କୁ ଏସ୍‌ପି ଅଫିସକୁ ସ୍ଥାନାନ୍ତର ହୋଇଥିବା ବେଳେ ବିଭସ କୁମାର ପ୍ରଧାନ ନୂତନ ଥାନା ଅଧିକାରୀ ଭାବେ ରାଜଗାଙ୍ଗପୁର ଥାନାରେ ଯୋଗ ଦେଇଛନ୍ତି । ପ୍ରାପ୍ତ ସୂଚନା ଅନୁଯାୟୀ ରାଜଗାଙ୍ଗପୁର ଥାନା ଅଧିକାରୀ ଗୋକୁଳାନନ୍ଦ ସାହୁଙ୍କ ଗତ କିଛି ଦିନ ତଳେ ପଦୋନ୍ନତି ହେବା ସହ ସୁନ୍ଦରଗଡ ଏସ୍‌ପି ଅଫିସକୁ ସ୍ଥାନାନ୍ତର ହୋଇଥିଲା । ଆଜି ନୂତନ ଅଧିକାରୀ ବିଭସ କୁମାର ପ୍ରଧାନ ଥାନାର ପଦ ଭାର ସଂଭାଳିବା ସହ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସେ ପୂର୍ବରୁ ସୁନ୍ଦରଗଡ ଟାଉନ୍ ଥାନାରେ କାର୍ଯ୍ୟରତ ଥିଲେ ।

ବଲାଙ୍ଗିର ନାଗରିକ କମିଟିର ନିବେଦନ

ବଲାଙ୍ଗିର, ୧୭/୦୫ (ନି.ପ୍ର): ବଲାଙ୍ଗିରର ଜନସାଧାରଣଙ୍କୁ ଏହି ମହାମାରି ବିପତ୍ତି ସମୟରେ ସଂଯମତା ଅବଲମ୍ବନ କରି ସରକାର ତଥା ଜିଲ୍ଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନ ତରଫରୁ କରାଯାଇଥିବା ନିୟମ କାନୁନ କୁ ମାନିବା ପାଇଁ ନିବେଦନ କରାଯାଇଅଛି । ଏହି ସମସ୍ୟାର ମୁକାବିଲା ପାଇବା ପାଇଁ ରାଜ୍ୟ ସରକାର କିମ୍ବା ଜିଲ୍ଲା ପ୍ରଶାସନ ତଥା ପୋଲିସ ପ୍ରଶାସନର କେବଳ ଦାୟିତ୍ୱ ନୁହଁ, ଆମ ସମସ୍ତ ଜନସାଧାରଣଙ୍କ ମଧ୍ୟ ଦାୟିତ୍ୱ ଏବଂ କର୍ତ୍ତବ୍ୟ ରହିଛି । ନାଗରିକ କମିଟି ତରଫରୁ ସଭାପତି ବିକ୍ରମାନନ୍ଦ ବହିଦାର, ବିଷ୍ଣୁ ପ୍ରସାଦ କେଡିଆ, ନିତ୍ୟାନନ୍ଦ ମିଶ୍ର, ବୃନ୍ଦାବନ ବରାଳ, ଛବି ବେହେରା ଇତ୍ୟାଦି ସଭ୍ୟବୃନ୍ଦ ଏକ ମିଳିତ ବିବୃତିରେ ବଲାଙ୍ଗିର ଜିଲ୍ଲା ଜନସାଧାରଣଙ୍କୁ ଅତି ଜରୁରି କାମ ନ ହେଲେ ଘରୁ ନ ବାହାରିବା ପାଇଁ ତଥା ମାସ୍କ ବ୍ୟବହାର କରିବା ପାଇଁ, ସେନିଟାଇଜର ଏବଂ ସାବୁନରେ ବାରମ୍ବାର ହାତ ଧୋଇବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି । ଗ୍ରାମାଞ୍ଚଳର ଜନସାଧାରଣ ମଧ୍ୟ ସମସ୍ତ ଏହି ନିୟମକୁ କୃଷି କର୍ମକ୍ଷେତ୍ରରେ ମାନିବା ପାଇଁ ଅନୁରୋଧ କରିଛନ୍ତି । ଆମ ସମସ୍ତଙ୍କର ଜିବନ ଅମୁଲ୍ୟ ସଂପଦ ଅଟେ । ଏହାକୁ ରକ୍ଷା କରିବାର ଦାୟିତ୍ୱ ଆମ ନିଜ ଉପରେ ନିର୍ଭର କରେ । ତେଣୁ ଆସନ୍ତୁ ଆମେ ସମସ୍ତେ ମାଁ ପାଟେନେଶ୍ୱରୀ ଓ ସମଲେଶ୍ୱରୀଙ୍କ ଠାରେ ପ୍ରାର୍ଥନା କରି ନିୟମ ମାନି ଚଳିଲେ ଏହି ବିପତ୍ତିରୁ ମୁକ୍ତି ପାଇବା । ବଲାଙ୍ଗିର ଜିଲ୍ଲାର ଦକ୍ଷ ତଥା ସଚ୍ଚୋଟ ଜିଲ୍ଲାପାଳଙ୍କ ନେତୃତ୍ୱରେ କୋଭିଡ୍ ୧୯ ମୁକାବିଲାକୁ ସମସ୍ତେ ସହଯୋଗ କରିବା ପାଇଁ ନାଗରିକ କମିଟି ତରଫରୁ ଅନୁରୋଧ କରାଯାଇଛି ।

ମୀନାବଜାର ପୂଜା ପ୍ରତିଷ୍ଠାନର ପୂର୍ବତନ ସଭାପତି ପ୍ରଦୀପ କୁମାର ଚୌଧୁରୀଙ୍କ ପରଲୋକ

ଢେଙ୍କାନାଳ, ୧୭/୦୫ (ନି.ପ୍ର): ଶ୍ରୀ ଶ୍ରୀ ମଉଡମଣୀ ରାଜଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ, ମୀନାବଜାରର ପୂର୍ବତନ ସଭାପତି ପ୍ରଦୀପ କୁମାର ଚୌଧୁରୀଙ୍କର ଆଜି କଟକସ୍ଥିତ ବୃପ୍ତି ହସ୍ପିଟାଲ୍‌ରେ ପରଲୋକ ହୋଇଯାଇଅଛି । ପ୍ରକାଶଥାଉକି, ଶ୍ରୀ ଚୌଧୁରୀ ମୀନାବଜାର ପୂଜା ପ୍ରତିଷ୍ଠାନ ସହିତ ଜଡିତ ହୋଇ ପୂର୍ବରୁ କୋଷାଧକ୍ଷ ଓ ୨୦୧୮-୧୯ ବର୍ଷ ପାଇଁ ସଭାପତି ରୂପେ କାର୍ଯ୍ୟ ନିର୍ବାହ କରିଥିଲେ । କୋଷାଧକ୍ଷ ଥିବା ସମୟରେ ଚାନ୍ଦିମେଢ ନିର୍ମାଣ କମିଟିର ସଭ୍ୟ ଥାଇ ଢେଙ୍କାନାଳର ପ୍ରଥମ ଚାନ୍ଦି ମେଢ ନିର୍ମାଣର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ତାଙ୍କ ମୃତ୍ୟୁରେ ମୀନାବଜାର ତଥା ଢେଙ୍କାନାଳ ଲକ୍ଷ୍ମୀପୂଜା ପ୍ରତିଷ୍ଠାନରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ମୃତ୍ୟୁରେ ମୀନାବଜାର ପୂଜା ପ୍ରତିଷ୍ଠାନ ଟ୍ରଷ୍ଟର ଅଧକ୍ଷ ପ୍ରଫୁଲ୍ଲ କୁମାର ଭଞ୍ଜ, ଉପାଧକ୍ଷ ପ୍ରଦ୍ୟୁମ୍ନ କୁମାର ଦେବତା, ଟ୍ରଷ୍ଟ ସଂପାଦକ ବିରଂଚି ନାରାୟଣ ସାହୁ, ପୂଜା କମିଟିର ସଭାପତି ଶ୍ରୀ ରବିନାରାୟଣ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ନିରୋଦ କୁମାର ସାହୁ, ସଂପାଦକ ପିତବାସ ସାହୁ, ଉପସଭାପତି ବୀରବର ସାହୁ, ପୂଜା କର୍ମକର୍ତା ଦୀଲ୍ଲିପ କୁମାର ସାହୁ, ଉଦୟ ନାଥ ବେହେରା, ପ୍ରମୋଦ ମହାପାତ୍ର, ଲୋକନାଥ ମହାପାତ୍ର, ବିନ୍ଧାଧର ମହାପାତ୍ର, ବାବାଜୀ ବେହେରା, ପ୍ରଫୁଲ୍ଲ କୁମାର ସାହୁ, ଛବିନାରାୟଣ ରାଉତ, ରଞ୍ଜିତ କୁଣ୍ଡୁ ଓ ମୀନାବଜାରର ବାସୀନ୍ଦା ଗଭୀର ଶୋକ ପ୍ରକାଶ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

CK BIRLA GROUP
ORIENT CEMENT

ଓରିଏଣ୍ଟ ସିମେଣ୍ଟ ଲିମିଟେଡ
CIN No.: L26940OR2011PLC013933
[ପଞ୍ଜିକୃତ କାର୍ଯ୍ୟାଳୟ : ୟୁନିଟ୍ -୮, ପ୍ଲଟ୍ -୭, ଭୋଇନଗର, ଭୁବନେଶ୍ୱର - ୭୫୧୦୧୨ (ଓଡ଼ିଶା)]
ଫୋନ୍ : (୦୬୭୪) ୨୩୯୬୯୩୦, ଫ୍ୟାକ୍ସ : (୦୬୭୪) ୨୩୯୬୩୭୫, ଇ-ମେଲ୍ : investors@orientcement.com

୩୧ ମାର୍ଚ୍ଚ, ୨୦୨୧ରେ ସମାପ୍ତ ତ୍ରୟମାସ ଓ ବର୍ଷ ପାଇଁ ସମୀକ୍ଷିତ ଆର୍ଥିକ ସ୍ଥିତିର ନିର୍ଯାସ (ଟ. ଲକ୍ଷରେ)

କ୍ର. ନଂ.	ବିଷୟାବଳୀ	ସମାପ୍ତ ତ୍ରୟମାସ			ସମାପ୍ତ ବର୍ଷ	
		ମାର୍ଚ୍ଚ ୩୧, ୨୦୨୧ (ସମୀକ୍ଷିତ)	ଡିସେମ୍ବର ୩୧, ୨୦୨୦ (ଅସମୀକ୍ଷିତ)	ମାର୍ଚ୍ଚ ୩୧, ୨୦୨୦ (ସମୀକ୍ଷିତ)	ମାର୍ଚ୍ଚ ୩୧, ୨୦୨୧ (ସମୀକ୍ଷିତ)	ମାର୍ଚ୍ଚ ୩୧, ୨୦୨୦ (ସମୀକ୍ଷିତ)
୧	ମୋଟ ଆୟ	୮୩,୪୨୭.୮୨	୬୧,୧୯୮.୨୬	୬୬,୧୮୭.୨୮	୨,୩୪,୨୪୩.୫୯	୨୪୩,୯୫୧.୭୯
୨	କର ପୂର୍ବରୁ ଶୁଦ୍ଧ ଲାଭ	୧୫,୩୪୪.୫୬	୮,୩୭୩.୪୬	୬,୯୬୪.୮୦	୩୩,୩୬୦.୪୬	୧୩,୬୩୯.୮୭
୩	କର ପରେ ଶୁଦ୍ଧ ଲାଭ	୯,୯୮୭.୮୮	୫,୩୮୮.୩୧	୪,୪୦୬.୭୦	୨୧,୪୧୮.୫୩	୮,୬୫୮.୯୭
୪	ଅବଧି ପାଇଁ ମୋଟ ବିସ୍ତୃତ ଆୟ (କର ପରେ ଅବଧି ପାଇଁ ଓ କର ପରେ ଅନ୍ୟ ବିସ୍ତୃତ ଆୟ ଅନ୍ତର୍ଭୁକ୍ତ)	୯,୯୮୪.୯୧	୫,୩୫୪.୬୪	୪,୨୬୨.୯୪	୨୧,୩୧୪.୫୫	୮,୪୬୩.୯୯
୫	ପେଠ ଇକ୍ୟୁଟୀ ଅଂଶଧନ (ଅଙ୍କିତ ମୂଲ୍ୟ ଅଂଶ ପ୍ରତି ଟ. ୧/-)	୨,୦୪୮.୬୯	୨,୦୪୮.୬୯	୨,୦୪୮.୬୯	୨,୦୪୮.୬୯	୨,୦୪୮.୬୯
୬	ଅନ୍ୟ ଇକ୍ୟୁଟୀ				୧,୬୮,୫୪୧.୮୯	୧୦୯,୬୮୮.୨୧
୭	ଅଂଶ ପ୍ରତି ଅର୍ଜନ (ପ୍ରତ୍ୟେକ ଟ. ୧/-ର) (ବାର୍ଷିକୀକୃତ ନୁହେଁ)					
	ମୌଳିକ (ଟ.)	୪.୮୮	୨.୬୩	୨.୧୫	୧୦.୪୫	୪.୨୩
	ତରଳୀକୃତ (ଟ.)	୪.୮୮	୨.୬୩	୨.୧୫	୧୦.୪୫	୪.୨୩

ଟିପ୍ପଣୀ :
୧. ବୋର୍ଡ କଂପାନୀର ପ୍ରତି ଟ. ୧ର ଇକ୍ୟୁଟୀ ଅଂଶ ଉପରେ ଅଂଶ ପ୍ରତି ଟ. ୧.୫୦ର ଏକ ଚୂଡାନ୍ତ ଲାଭାଂଶ ସୁପାରିଶ କରିଛନ୍ତି । କଂପାନୀ ଇକ୍ୟୁଟୀ ଅଂଶ ପ୍ରତି ଟ. ୦.୫୦/-ର ଅନ୍ତରୀଣ ଲାଭାଂଶ ଅର୍ଥରାଶି ପ୍ରଦାନ କରିଛନ୍ତି ।
୨. ଉପରିସ୍ଥ ଚିତ୍ର ସେବୀ (ପରିଗଣନ ଚୁକ୍ତିବଦ୍ଧତା ଓ ପ୍ରକାଶ ଆବଶ୍ୟକତାବଳୀ) ନିୟମାବଳୀ, ୨୦୧୫ର ନିୟମ ୩୩ ଅନୁସାରେ ଷ୍ଟକ୍ ଏକ୍ସଚେଞ୍ଜଗୁଡିକରେ ଦାଖଲ ହୋଇଥିବା ୩୧ ମାର୍ଚ୍ଚ, ୨୦୨୧ରେ ସମାପ୍ତ ତ୍ରୟମାସ ଓ ବର୍ଷ ପାଇଁ ଆର୍ଥିକ ସ୍ଥିତିର ବିସ୍ତୃତ ଢାଞ୍ଚାର ଏକ ନିର୍ଯାସ । ୩୧ ମାର୍ଚ୍ଚ, ୨୦୨୧ରେ ସମାପ୍ତ ତ୍ରୟମାସ ଓ ବର୍ଷ ପାଇଁ ଆର୍ଥିକ ସ୍ଥିତିର ସଂପୂର୍ଣ୍ଣ ଢାଞ୍ଚା କଂପାନୀର ୱେବ୍‌ସାଇଟ୍ www.orientcement.com, ବିଏସଇ ୱେବ୍‌ସାଇଟ୍: www.bseindia.com ଏବଂ ଏନଏସଇ ୱେବ୍‌ସାଇଟ୍:www.nseindia.comରେ ଉପଲବ୍ଧ ରହିଛି ।

ବୋର୍ଡ ଅଫ୍ ଡାଇରେକ୍ଟର୍ସ ନିମିତ୍ତଓ ପକ୍ଷରୁ
ସ୍ୱା/-
ଡି.ଡି. ଖେତ୍ରପାଳ
(ପରିଚାଳନା ନିର୍ଦ୍ଦେଶକ ତଥା ମୁ.ନି.ଧି.)
DIN No. 02362633

ନୂଆଦିଲ୍ଲୀ
ତାରିଖ: ୧୭ ମଇ, ୨୦୨୧

BIRLA-A1 PREMIUM CEMENT
Mazbooti mein A1. Bharose mein A1.
Birla-A1 StrongCrete
The Forever Cement

ପାରାଦୀପର ଶିଳ୍ପ ସଂସ୍ଥାରେ ସାମାଜିକ ଦୂରତ୍ୱ ଓ କୋଭିଡ୍ ନିୟମ ଉଲ୍ଲଙ୍ଘନ ଯୋଗୁଁ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଛି

ପାରାଦୀପ, ୧୭/୦୫ (ନି.ପ୍ର): କରୋନା ମହାମାରୀ ର ପ୍ରଥମ ପର୍ଯ୍ୟାୟରେ ଜଗତସିଂହପୁର ଜିଲ୍ଲା, ପୋଲିସ, ପାରାଦ୍ୱୀପ ଓ ପୌର ପ୍ରଶାସନ ର ଉଦ୍ୟମ ଯୋଗୁଁ ଜିଲ୍ଲା ତଥା ବନ୍ଦର ଓ ଶିଳ୍ପ ସହର ପାରାଦ୍ୱୀପରେ କରୋନା ସଂକ୍ରମଣ ତାର କାୟା ବିସ୍ତାର କରିବାରେ ସଫଳ ହୋଇନଥିଲା ଏବଂ ସଂକ୍ରମିତଙ୍କ ସଂଖ୍ୟା ମଧ୍ୟ ସିମୀତ ଥିଲା । କିନ୍ତୁ ଏହି ସଂକ୍ରମଣର ଦ୍ୱିତୀୟ ପର୍ଯ୍ୟାୟରେ ଜିଲ୍ଲା ପ୍ରଶାସନର ଉଦ୍ୟମ ସତ୍ୱେ ପାରାଦ୍ୱୀପ ସମେତ ସମଗ୍ର ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି ଏବଂ ଯାହାକି ପ୍ରଶାସନର ଚିନ୍ତାର କାରଣ ହୋଇଛି । ସରକାରଙ୍କ ନୀତି ନିୟମ ଅନୁସାରେ ପ୍ରଶାସନ ସପ୍ତାହନ୍ତ ଲକ୍‌ଡାଉନ୍, ସାମାଜିକ ଦୂରତ୍ୱ ପାଇଁ ବ୍ୟବସ୍ଥା ଗ୍ରହଣ ଓ ଅନ୍ୟାନ୍ୟ କୋଭିଡ୍-୧୯ ନିୟମ ପାଳନ ନିମିତ୍ତସାଧାରଣରେ ସଚେତନ କରୁଥିଲେ ମଧ୍ୟ ଦିନକୁ ଦିନ ସଂକ୍ରମିତ ଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ତେବେ ଏହାର ମୁଖ୍ୟ କାରଣ ମଧ୍ୟରେ ପାରାଦ୍ୱୀପ ରେ ବିଭିନ୍ନ ଶିଳ୍ପ କାରଖାନା ମାନେ ପ୍ରଶାସନର ଏହି କୋଭିଡ୍-୧୯ ନିୟମ ପାଳନ କରୁନଥିବା ଅଭିଯୋଗ ହେଉଛି । ଯାହାର ଜ୍ୱଳନ୍ତ ଉଦାହରଣ ପାରାଦ୍ୱୀପ ତୈଳ ବିଶୋଧନାଗାର ପ୍ରକଳ୍ପରେ କାର୍ଯ୍ୟ କରୁଥିବା ବିଭିନ୍ନ କମ୍ପାନୀ ଏବଂ ପାରାଦ୍ୱୀପ ବନ୍ଦର ର ବିଭିନ୍ନ ପ୍ରକଳ୍ପ ରେ କାର୍ଯ୍ୟ କରୁଥିବା ଏଲ୍‌ଆଣ୍ଡଟି , ଜେଏସ୍‌ଡବ୍ଲ୍ୟୁ, ପିଆଇସିଟି, ଚେନାଇରାଧା ଇତ୍ୟାଦି କମ୍ପାନୀ ମାନେ କୋଭିଡ୍ ନିୟମ ପାଳନ କରୁନଥିବା ଅଭିଯୋଗ ହେଉଛି । ଏଠାରେ କାର୍ଯ୍ୟ କରୁଥିବା ଅଧିକାଂଶ ବାହାର ରାଜ୍ୟ ଓ ଜିଲ୍ଲାର ଶ୍ରମିକ ଓ କର୍ମଚାରୀ ମାନେ କାର୍ଯ୍ୟ ସମୟରେ ସାମାଜିକ ଦୂରତ୍ୱ ଅବଲମ୍ବନ ନ କରିବା, କାର୍ଯ୍ୟ କ୍ଷେତ୍ରକୁ ଯିବା ଆସିବା ସମୟରେ ପିକ୍‌ଅପ୍ ଭ୍ୟାନ୍‌ରେ ଖୁନ୍ଦି ହୋଇ ଯିବା ଆସିବା କରିବା ଇତ୍ୟାଦି । ତେବେ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଲା ଏହି ସବୁ ଶ୍ରମିକ ଓ କର୍ମଚାରୀ ମାନଙ୍କୁ କମ୍ପାନୀ ମାନେ ସଂଗରୋଧରେ ନ ରଖିବା ଦ୍ୱାରା ଏମାନେ ସାଧାରଣରେ ମାର୍କେଟ ଅଞ୍ଚଳରେ ବୁଲାବୁଲି କରିବା ଦ୍ୱାରା ପାରାଦ୍ୱୀପରେ ସଂକ୍ରମଣ ବୃଦ୍ଧି ପାଉଥିବା ଅନୁମାନ କରାଯାଏ । ଅନ୍ୟପକ୍ଷରେ ପାରାଦ୍ୱୀପର ଦୁଇଟି ଟୀକା ଗ୍ରହଣ କେନ୍ଦ୍ର, ପରିବା ଓ ମାଛ ମାର୍କେଟରେ ସାମାଜିକ ଦୂରତ୍ୱ ପାଳନ ହେଉନଥିବା ଦେଖାଯାଉଛି ଏବଂ ସର୍ବସାଧାରଣ ସ୍ଥାନ ଗୁଡିକ ନିୟମିତ ସାନିଟାଇଜ୍ ନହେବା ଏହା ସଂକ୍ରମଣ ବୃଦ୍ଧିର ଅନ୍ୟତମ କାରଣ ବୋଲି ସାଧାରଣରେ ଆଲୋଚନା ହେଉଛି । ତେବେ ଏଥିପ୍ରତି ଦୃଷ୍ଟି ଦେଇ ପ୍ରଶାସନ କଡା ଅଭିମୁଖ୍ୟ ଗ୍ରହଣ କରିବାକୁ ଏବଂ ଗହଳି ସ୍ଥାନରେ କଡା ପୋଲିସ ବ୍ୟବସ୍ଥା କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ମାନେ ପ୍ରଶାସନ କୁ ଅନୁରୋଧ କରିଛନ୍ତି ।